# ସମ୍ବଲପୁର ବିଶ୍ୱବିଦ୍ୟାଳୟ
# ଜ୍ୟୋତିବିହାର, ବୁର୍ଲା, ସମ୍ବଲପୁର – ୭୬୮୦୧୯

ପ୍ରେସ୍ ବିଜ୍ଞପ୍ତି : ୧୩ ନଭେମ୍ବର ୨୦୨୩

## ଓଡ଼ିଶା ଗବେଷଣା ସମ୍ମେଳନ – ୨୦୨୩

ବୁର୍ଲା,ସମ୍ବଲପୁର,ଓଡ଼ିଶା : ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୧୪ ନଭେମ୍ବରରୁ ୧୬ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ତ୍ରିଦିବସୀୟ ଓଡ଼ିଶା ଗବେଷଣା ସମ୍ମେଳନ – ୨୦୨୩ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ଠାରେ ଆୟୋଜିତ ହେବାକୁ ଯାଉଛି । ଏଥିରେ ଓଡ଼ିଶା ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନର ଅଧ୍ୟାପକ ଏବଂ ଗବେଷକ-ଗବେଷିକାମାନଙ୍କ ଦ୍ୱାରା କରାଯାଉଥିବା ଗବେଷଣାର ତତ୍ତ୍ୱ ଓ ତଥ୍ୟର ପ୍ରଦର୍ଶନ ଓ ପ୍ରସାର କରାଯିବ । ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଖ୍ୟାତିସମ୍ପନ୍ନ ଶିକ୍ଷାବିତମାନଙ୍କଦ୍ୱାରା କରାଯାଇଥିବା ଗବେଷଣାଭିତ୍ତିକ ଅନୁସନ୍ଧାନର ପ୍ରଦର୍ଶନ ଓ ପ୍ରସାର, ଗବେଷକମାନଙ୍କଦ୍ୱାରା ପୋଷ୍ଟର୍ ଉପସ୍ଥାପନ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କର ଗୋଲଟେବୁଲ ଆଲୋଚନାଦି ଅନୁଷ୍ଠିତ ହେବ । ଏହି ଅବସରରେ ଶୈକ୍ଷିକ ଉଦ୍ୟୋଗର ବିଚାର ବିମର୍ଶ / ପ୍ରଶିକ୍ଷଣ ଅଧିବେଶନ/ ଗବେଷଣା ସରଞ୍ଜାମ ବ୍ୟବହାର କର୍ମଶାଳାର ଆୟୋଜନ କରାଯିବା ସହିତ ସାରାଂଶଭିତ୍ତିକ ଏକ ପୁସ୍ତକ ପ୍ରକାଶିତ ହେବ ।

ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ପ୍ରଫେସର କିଶୋର କୁମାର ବାସା (ଅଧ୍ୟକ୍ଷ, ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣ, ଭାରତ ସରକାର ତଥା ମହାନିର୍ଦ୍ଦେଶକ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ), ସମ୍ମାନିତ ଅତିଥି ପ୍ରଫେସର ଶିବାଶିଷ ଗିରି (ମୁଖ୍ୟ ବୈଜ୍ଞାନିକ ଅଧିକାରୀ, ଏବି କମ୍ପାନୀ ୟୁକେ ଏବଂ ୟୁ.ଏସ୍.ଏ), କି ନୋଟ୍ ସ୍ପିକର ଭାବରେ ପ୍ରଫେସର ଗଦାଧର ମିଶ୍ର(ପ୍ରାକ୍ତନ ପ୍ରଫେସର ଆଇଆଇ ଏସ୍ ସି, ବାଙ୍ଗାଲୋର ତଥା ଭିଜିଟିଂ ପ୍ରଫେସର ଆଇଆଇଟି, ଗାନ୍ଧୀନଗର), ପ୍ରଫେସର ବିଧୁଭୂଷଣ ମିଶ୍ର(କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ), ପ୍ରଫେସର ଅଶୋକ କୁମାର ଦାସ(ଉପାଧ୍ୟକ୍ଷ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ), ପ୍ରଫେସର ସଂଯୁକ୍ତା ଦାସ(ଅଧ୍ୟକ୍ଷ, ସ୍ନାତକୋତ୍ତର ବିଭାଗ ସମୂହ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ଆବାହକ – ଓ ଆର୍ ସି – ୨୦୨୩) ଉପସ୍ଥିତ ରହିବେ ।

ପ୍ରଥମ ଦିବସରେ ପ୍ରଫେସର ଗଦାଧର ମିଶ୍ର 'ବିଜ୍ଞାନର ସଞ୍ଚାର ଅନୁସନ୍ଧାନ' ସମ୍ବନ୍ଧରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିବାପରେ ପ୍ରଫେସର ଶିବାଶିଷ ଗିରି ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିବେ । 'ଅନୁସନ୍ଧାନ ଏବଂ ନବାଚାର କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରାପ୍ତି ସକାଶେ ରାଜ୍ୟ ବିଶ୍ୱବିଦ୍ୟାଳୟ ମାନଙ୍କପାଇଁ ବିକାଶ ଯୋଜନା ନିର୍ଦ୍ଧାରଣ' ଶୀର୍ଷକ ପ୍ରସଙ୍ଗ ଉପରେ ଉକ୍ତଦିନ କୁଳପତିମାନଙ୍କ ଏକ ପ୍ୟାନେଲ ଚର୍ଚ୍ଚା ଅନୁଷ୍ଠିତ ହେବ ।

'ପେଟେଣ୍ଟ ଏବଂ ଉତ୍ପାଦ କର୍ନର' ଉଦ୍‌ଘାଟନ ସହିତ 'ଜାଣିବା ବିଶ୍ୱବିଦ୍ୟାଳୟ କାହିଁକି' ପ୍ରସଙ୍ଗ ଉପରେ ପ୍ରଫେସର କେ.କେ.ବାସା ମଧ୍ୟ ହିଲ୍-ଭ୍ୟୁ ସମ୍ମେଳନ କେନ୍ଦ୍ରଠାରେ ବକ୍ତବ୍ୟ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ।

ଦ୍ୱିତୀୟ ଦିବସରେ ପ୍ରଫେସର ମନୋଜ କୁମାର ପଣ୍ଡା(ପ୍ରାକ୍ତନ ନିର୍ଦ୍ଦେଶକ, ଆର୍ଥିକ ବିକାଶ ସଂସ୍ଥାନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ) ଏବଂ ପ୍ରଫେସର ସୁରଜିତ ମଜୁମଦାର(ସିଇଏସ୍.ପି, ଜେ.ଏନ୍.ୟୁ, ନୂଆଦିଲ୍ଲୀ) ବିଶେଷ ବକ୍ତବ୍ୟ ଉପସ୍ଥାପନ କରିବେ । କୁଳପତିମାନଙ୍କ ଚର୍ଚ୍ଚା ଉକ୍ତଦିନ ମଧ୍ୟ ଅବ୍ୟାହତ ରହିବ ।

ତୃତୀୟ ଦିବସରେ 'ଏକାଡେମିଆ ଇଣ୍ଡଷ୍ଟ୍ରି ଇଣ୍ଟରଫେସ୍ ଲେବ୍ ଟୁ ଲେଣ୍ଡ' ବିଷୟରେ ପ୍ରଫେସର ମହାଦେବ ଜୟସ୍ୱାଲ୍ (ନିର୍ଦ୍ଦେଶକ ଆଇ ଆଇ ଏମ୍, ସମ୍ବଲପୁର, ଓଡ଼ିଶା) ବକ୍ତବ୍ୟ ଉପସ୍ଥାପନ କରିବେ । 'କିପରି ବିଶ୍ୱବିଦ୍ୟାଳୟଗୁଡ଼ିକ କ୍ଷେତ୍ରରୁ ଗବେଷଣାଗାରକୁ ପ୍ରଭାବିତ କରିବେ' ପ୍ରସଙ୍ଗ ଉପରେ ପ୍ୟାନେଲ ଚର୍ଚ୍ଚା ସ୍ଥିରୀକୃତ ହୋଇଛି, ଯହିଁରେ ବେଦାନ୍ତ, ଜେ ଏସ୍ ଡବ୍ଲ୍ୟୁ, ଟାଟା ପାୱାର, ଟି ଆର୍ ଏଲ୍ – କ୍ରୋଶକି ଏବଂ ଏନ୍ ଆର୍ ଡିସିର ପ୍ରତିନିଧିମାନେ ଉପସ୍ଥିତ ରହିବେ ।

ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଉଦଯାପନ ସମାରୋହରେ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ (ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର ) ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହିବେ । ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲ(ଆଇ. ଏ. ଏସ୍ ଭା.ପ୍ର.ସେ କମିଶନର ତଥା ସଚିବ) ସମ୍ମାନିତ ଅତିଥି ଭାବରେ ଓ ଶ୍ରୀଯୁକ୍ତ ଅଶୋକ କୁମାର ଦାସ(ଉପାଧକ୍ଷ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ), ପ୍ରଫେସର ବିଧୁଭୂଷଣ ମିଶ୍ର(କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ) ଏବଂ ଡକ୍ଟର ନୃପରାଜ ସାହୁ(କୁଳସଚିବ, ସମ୍ବଲପୁର ବିଶ୍ୱବିଦ୍ୟାଳୟ) ଯୋଗଦାନ କରିବେ ।